# ବ୍ଲକ୍ ଅଫିସ ଆଗରେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିକ୍ଷୋଭ

ଦିଗପହଣ୍ଡି,୨୧।୪(ସମିସ):




ଜାତୀୟ ଦାବି ଦିବସ ଅବସରରେ ଦିଗପହଣ୍ଡି ସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୧୦ଦଫା ଦାବି ହାସଲ ପାଇଁ ମଙ୍ଗଳବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘର ଡାକରା କ୍ରମେ ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଡ଼.ଯୁଧିଷ୍ଠିର ସ୍ୱାଇଁଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଭବାନୀ ପାଢ଼ୀ, ପଦ୍ମଚରଣ ମେକାପ, ସୁଷମା ପାଠୀ, ଜୟନ୍ତୀବାଳା ମିଶ୍ର,ପୁଷ୍ପାଞ୍ଜଳି ରଥ, ଭୀମସେନ ପଣ୍ଡା, ରାଜକିଶୋର ଚୌଧୁରୀ, ସୁବାସ ପାଢ଼ୀ, ନରସିଂହ ପଣ୍ଡା, ଜନାର୍ଦ୍ଦନ ପଣ୍ଡା, ବିମ୍ବାଧର ବେହେରା, ରାଧାମୋହନ ସାହୁ, ପୀତବାସ ରଥ, ଦିବାକର ପାଣିଗ୍ରାହୀ, ସୀମାଞ୍ଚଳ ପ୍ରଧାନ, ମନୋରଞ୍ଜନ ସାହୁ ପ୍ରମୁଖ ସଭ୍ୟା ସଭ୍ୟ ଏକାଠି ହୋଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ରାଜ୍ୟ କମିଟି ଉପଦେଷ୍ଟା କେ.ନନ୍ଦେଶୁ ସେନାପତି ଉପସ୍ଥିତ ରହି ଗତ ୨୦୨୫ ମାର୍ଚ୍ଚରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ହୋଇଥିବା ଭାଲିଡେସନ ଆକ୍ଟକୁ ପ୍ରତ୍ୟାହାର କରାଯିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ଏନପିଏସ,ୟୁପିଏସ ବଦଳରେ ଓପିଏସ ସ୍କିମ୍ ରେ ପେନସନ ପ୍ରଦାନ କରିବା ସମେତ ବିଭିନ୍ନ ଦାବି ସମ୍ପର୍କରେ କହିଥିଲେ। ଏନେଇ ୧୦ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା। ଯଦି ସରକାର ଦାବୀ ପୂରଣ ନ କରନ୍ତି ତେବେ ଆଗାମୀ ମେ ୧୩ ତାରିଖ ଠାରୁ ୧୫ ତାରିଖ ୩ଦିନ ବ୍ୟାପୀ ଭୁବନେଶ୍ୱର ଠାରେ ରାଜ୍ୟ ସଂଘ ପକ୍ଷରୁ ଗଣଧାରଣା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ରାଜ୍ୟ ସଂଘର ଉପଦେଷ୍ଟା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ସ୍ୱଚ୍ଛତାର ବାର୍ତ୍ତା ବାଣ୍ଟିଲେ ଛାତ୍ରଛାତ୍ରୀ

ଛତ୍ରପୁର,୨୧।୪(ସମିସ): ସ୍ୱଚ୍ଛତା ହିଁ ସେବା ତଥା ସମାଜ ପ୍ରତି ସବୁ ନାଗରିକଙ୍କ ରହିଥିବା କର୍ତ୍ତବ୍ୟକୁ ମନେ ପକାଇବାକୁ ଯାଇ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀ ଛତ୍ରପୁରର ସାଇ ନଗର ପାର୍କରେ ସ୍ୱଚ୍ଛତା ଅଭିଯାନ କରି ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି।



ସୂଚନାଯୋଗ୍ୟ, ତାରାତାରିଣୀ ଯାତ୍ରାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସେବା ପ୍ରତିନିଧି ସଙ୍ଗଠନର ସମାଜସେବୀ ମନୋଜ କୁମାର ମିଶ୍ର ଓ ଆଇଆରଇରେ କାର୍ଯ୍ୟରତ ଟୁଟୁ ନାୟକ ସମାଜକୁ ଏକ ନିଆରା ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଅକ୍ଷୟ ତୃତୀୟା ପୂର୍ବରୁ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ସକାଳ ୭ଘଟିକାରୁ ୧୦ଘଟିକା ଯାଏଁ ସାଇ ନଗର ପାର୍କରେ ଏକ ସଫେଇ ଅଭିଯାନ କରି ସେହି ପାର୍କରେ ପଡିଥିବା ପ୍ଲାଷ୍ଟିକ ବୋତଲ, ଖାଇବା ପ୍ୟାକେଟ ତଥା ଅନ୍ୟ ଅଳିଆ ଆବର୍ଜନାକୁ ପିଲାଙ୍କ ସହ ମିଶି ସଫା କରିଥିଲେ। କାର୍ଯ୍ୟକ୍ରମରେ ପ୍ରିୟଙ୍କା, ଶୁଭଶ୍ରୀ, ସମୀର, ଶ୍ରାବଣୀ ପ୍ରମୁଖ ସାହାର୍ଯ୍ୟ ସହଯୋଗର ହାତ ବଢାଇଥିଲେ। ଭବିଷ୍ୟତରେ ବିଏ ଭଳି କାର୍ଯ୍ୟକ୍ରମ ସମସ୍ତ ସ୍ଥାନରେ ଜାରି ରହିବା ସହ ସମସ୍ତଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଯିବା ନେଇ ଶ୍ରୀ ମିଶ୍ର ସୂଚନା ଦେବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ।

# ବାଲାଜୀ କଲ୍‌ଚର ସୋସାଇଟି ପକ୍ଷରୁ କଲ୍ୟାଣ ଉତ୍ସବ



ଛତ୍ରପୁର,୨୧।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଛତ୍ରପୁର ବାଲାଜୀ କଲଚର ସୋସାଇଟିର ୨୦ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏ ଅବସରରେ ତାଡେପଲ୍ଲୀ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଥିବା ଶ୍ରୀ ଭେଙ୍କଟଶ୍ୱର ଭଗବାନଙ୍କ ବିବାହ ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳିତ ହୋଇଛି। ତିନିଜଣ ଦମ୍ପତି ବି. ଶ୍ରୀନିବାସ ତାଙ୍କର ପତ୍ନୀ ବି. ଉମା ଶ୍ରୀନିବାସ, ପି. ଲିଙ୍ଗରାଜ ତାଙ୍କର ପତ୍ନୀ ପି. କ୍ରିଷ୍ଣାବେଣୀ ଏବଂ କେ. ରାମାରାଓ ତାଙ୍କର ପତ୍ନୀ କେ. ପଦ୍ମଜା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବାହ୍ନରେ ସୁପ୍ରଭାତ ସେବା, ଅଭିଷେକ ଓ ପୂଜାର୍ଚ୍ଚନା ସରିବା ପରେ ପ୍ରଭୁଙ୍କୁ ସୁ ସଜିତ ରଥରେ ନଗର ପରିକ୍ରମା କରି ମା ରାମାୟଣାମ୍ମା ଠାକୁରାଣୀ ମନ୍ଦିର ନିକଟରେ ଥିବା ସୌଭାଗ୍ୟକଲ୍ୟାଣ ମଣ୍ଡପରେ ପ୍ରଭୁଙ୍କ କଲ୍ୟାଣ ଉତ୍ସବ ପୂଜକ ରଙ୍ଗଭାଟଲ ଧନଞ୍ଜୟ ଆଚାରୁଲୁଙ୍କ ଅଧକ୍ଷତାରେ ହୋଇଥିଲା।

# ଗୀତା ଭବନରେ ପ୍ରତିଷ୍ଠା ଦିବସ

ଭଞ୍ଜନଗର,୨୧।୪(ସମିସ): ଭେଜିପୁଟୁରେ ଅବସ୍ଥିତ ଗୀତା ଭବନର ୪୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପର୍ଶୁରାମ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଭଞ୍ଜନଗର ପୌର ପରିଷଦ ଅନ୍ତର୍ଭୁକ୍ତ ପାଞ୍ଚଟି ବିଦ୍ୟାଳୟର ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ପିଲାଙ୍କ ମଧ୍ୟରେ ହୋଇଥିବା ସଂଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ନାଗରିକ ପଣ୍ଡିତ ବିପ୍ରଚରଣ ସାହୁ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ କଳାକାର ସଂସ୍କୃତି ରତ୍ନ ନାରାୟଣ ମହାରଣା ଏବଂ ଗୀତା ଭବନର ଅନ୍ୟତମ ସମାଜସେବୀ ଅଲେଖ ଭୂୟାଁଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ହିସାବ ସମୀକ୍ଷକ ବିଭୁତି ଭୂଷଣ ଜେନା,ସଭାପତି ବଳରାମ ସ୍ୱାଇଁ, ସମ୍ପାଦକ ରାମାନୁଜ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ପକ୍ଷ

ଗଞ୍ଜାମ,୨୧।୪(ସମିସ): ଗଞ୍ଜାମ ସହର ଆଖଡ଼ାବନ୍ଧ ସାହି ଅଙ୍ଗନବାଡି କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ବବିତା ସେଠିଙ୍କ ତତ୍ତ୍ୱାବଧାନରେ ପୋଷଣ ପକ୍ଷ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଡିପିଓ ସଲୀଳା ପ୍ରଧାନ ଯୋଗଦେଇ ଉପସ୍ଥିତ ରହିଥିବା ସମସ୍ତ ମା ଓ କିଶୋରୀ ବାଳିକା ମାନଙ୍କୁ ସୁସ୍ଥ ଶରୀର ପାଇଁ ପୋଷଣ ଯୁକ୍ତ ଖାଦ୍ୟର ଉପକାରୀତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁପରଭାଇଜର ଛବି ନାୟକ ମଞ୍ଚାସିନ ରହିଥିଲେ। ମାଣ୍ଡିଆରେ ପ୍ରସ୍ତୁତି ସାମଗ୍ରୀ ପନି ପରିବା ଶସ୍ୟ ଜାତୀୟ ଖାଦ୍ୟ ପ୍ରଦର୍ଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଗର୍ଭବତୀ ମା, ୮ ମାସ ର ଶିଶୁ ଓ ୪ ବର୍ଷର ବାଳିକାକୁ ସୁସ୍ଥ ବାଳିକା ଭାବେ ଘୋଷଣା କରାଯିବା ସହ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କିଶୋରୀ ବାଳିକା ଓ ମା ମାନଙ୍କୁ ନେଇ ଏକ ଶୋଭାଯାତ୍ରା ପରିକ୍ରମା କରିଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସହରରେ ରହିଥିବା ସମସ୍ତ ଅଙ୍ଗନବାଡି କର୍ମୀ ସୁପରିଚାଳନା କରିଥିଲେ।

# ସିବିଏସଇ ଦଶମ ଶ୍ରେଣୀ ମେଧାବୀ ଛାତ୍ରୀ ଭି.ଅନ୍ୱେଷା ସମ୍ବର୍ଦ୍ଧିତ



ବୁଗୁଡା,୨୧।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଶ୍ରେଣୀ ପରୀକ୍ଷାରେ ବୁଗୁଡାର ମେଧାବୀ ଛାତ୍ରୀ ଭି.ଅନ୍ୱେଷା ରାଜୁ ୫୦୦ରୁ ୪୮୧ ମାର୍କ (୯୬.୨%) ରଖି ଏ-୧ ଗ୍ରେଡ୍ ହାସଲ କରିଥିବାରୁ ସ୍ଥାନୀୟ ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ପରିସରରେ ପ୍ରିନ୍ସିପାଲ ବାଲଗୋପାଲ୍ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍କୁଲର ଶୈକ୍ଷିକ ପରାମର୍ଶଦାତା ସୁରେଶ ଚନ୍ଦ୍ର ଦାଶ ଯୋଗ ଦେଇ ମେଧାବୀ ଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ମେଧାବୀ ଛାତ୍ରୀ ଅନ୍ୱେଷାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସ୍କୁଲ ଏମଡି ଏ.ଚନ୍ଦନ ଚର୍ଚ୍ଚିତ ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଶୁଭେଚ୍ଛା ଜ୍ଞାପନ ସହ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ନନ୍ଦିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

● କାଳିପଲ୍ଲୀରେ କିଡ଼ନୀ ରୋଗର ଭୟାବହତା

# ଚିନ୍ତାପ୍ରକଟ କରି ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ସାଂସଦ

ଛତ୍ରପୁର,୨୧।୪(ସମିସ): ଗଞ୍ଜାମ ଜିଲ୍ଲା କାଳିପଲ୍ଲୀ ପଞ୍ଚାୟତରେ କାୟା ବିସ୍ତାର କରିଥିବା କିଡ଼ନୀ ରୋଗର ବ୍ୟାପକତାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ। ରୋଗର ପ୍ରକୃତ କାରଣ ଖୋଜି ବାହାର କରିବା ସହ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ କରିବାକୁ ଅନୁରୋଧ କରିଛନ୍ତି। ଏମ୍‌ପି ଏକ ଏକ୍ସ (ଟୁଇଟ) ମାଧ୍ୟମରେ କହିଛନ୍ତି, କାଳିପଲ୍ଲୀ ପଞ୍ଚାୟତରେ କିଡ଼ନୀ ରୋଗ ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଯାହା ଅନେକ ପରିବାରକୁ ବିପର୍ଯ୍ୟସ୍ତ କରିସାରିଲାଣି। ଜନସାଧାରଣଙ୍କ ଜୀବନ ଓ ସ୍ୱାସ୍ଥ୍ୟର ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର ଏହି ଦିଗରେ ତୁରନ୍ତ ଏବଂ ଠୋସ୍ ପଦକ୍ଷେପ ନେବା ଜରୁରୀ ବୋଲି ସେ ଦାବି କରିଛନ୍ତି। ବିଶେଷଜ୍ଞଙ୍କ ଦ୍ୱାରା ଅନୁସନ୍ଧାନ କରାଗଲେ ରୋଗର ମୂଳ କାରଣ ଜଣାପଡ଼ିବ ଏବଂ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି।

# ବଟେଶ୍ୱର ପୀଠରେ ନୂତନ ସପ୍ତଫଣୀ ନାଗ ମୂର୍ତ୍ତି ପ୍ରତିଷ୍ଠା

ଗଞ୍ଜାମ,୨୧।୪(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତ କଣ୍ଟିଆଗଡ଼ ଗ୍ରାମ ନିକଟରେ ଅବସ୍ଥିତ ପ୍ରସିଦ୍ଧ ବାବା ବଟେଶ୍ୱର ପୀଠରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୂତନ ସପ୍ତଫଣୀ ନାଗ ମୂର୍ତ୍ତି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ଛଅ ଖଣ୍ଡ ଗ୍ରାମବାସୀଙ୍କ ଦ୍ୱାରା ପରିଚାଳିତ ଏହି ପ୍ରସିଦ୍ଧ ଶୈବ ପୀଠରେ ନୂତନ ନାଗ ମୂର୍ତ୍ତି ପ୍ରତିଷ୍ଠା ଉପଲକ୍ଷେ ହୋମ କାର୍ଯ୍ୟ ସହ ପରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପୁରୋହିତ ଅଶୋକ ଶତପଥୀଙ୍କ ଦେବ ମନ୍ତ୍ର ଓ କର୍ତ୍ତା ଭାବେ ରଙ୍କନିଧି ପ୍ରଧାନ ଓ ତାଙ୍କ ସହ ଧର୍ମଣୀ ରାଧାରାଣୀ ସ୍ୱାଇଁଙ୍କ ଦ୍ୱାରା ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବଟେଶ୍ୱର ମନ୍ଦିର ଐତିହ୍ୟ ସଂରକ୍ଷଣ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, ସମ୍ପାଦକ ରଞ୍ଜିତ ପଲାଇ, ଶିବରାମ ପଲାଇ, ନିରାକାର ଜେନା, ବିରେନ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



# ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ 'ଅନୁଦାନ ସମ୍ପର୍କ ଅଭିଯାନ'



ପାତ୍ରପୁର,୨୧।୪(ସମିସ): ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ତରଫରୁ 'ଅନୁଦାନ ସମ୍ପର୍କ ଅଭିଯାନ' ଚାଲୁ ରହିଛି। ୨୦୦୮ ମସିହାରୁ ୨୦୧୮ ମସିହା ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କ ଅନୁଦାନ ଦାବିରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଛି। ସଂଘର ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କୁ ସାକ୍ଷାତ କରି ଅଧ୍ୟାପକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯାଇଥିଲା। ଏଥି ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରକାଶ ଚନ୍ଦ୍ର ଶତପଥୀଙ୍କ, ସତ୍ୟନାରାୟଣ ଚୌଧୁରୀ, ପାତ୍ରପୁର ବ୍ଲକ ସଂଯୋଜକ ବଳରାମ ମହାପାତ୍ରଙ୍କ ସମେତ ୫୦ରୁ ଅଧିକ ସଦସ୍ୟ ସାମିଲ ଥିଲେ।

# ବ୍ଲେଡରେ ୩ ଜଣଙ୍କୁ ଆକ୍ରମଣ ଘଟଣା; ଅଭିଯୁକ୍ତ କୋର୍ଟଚାଲାଣ

ରଙ୍ଗେଇଲୁଣ୍ଡା,୨୧।୪(ସମିସ): ଗୋଳନ୍ଥରା ଥାନା ଅଧିନସ୍ଥ ରଣ୍ଡା ହରିଜନ ସାହିରେ ବ୍ଲେଡରେ ଆକ୍ରମଣ କରିବା ମାମଲାରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ରଣ୍ଡା ଗ୍ରାମର କିସାନ ଦାସ(୩୫) ବୋଲି ପୁଲିସ ସୂଚନା ଦେଇଛି। ସୂଚନା ଅନୁସାରେ ବ୍ରହ୍ମପୁର ଟାଉନ ଥାନା ଖାଲାସି ସାହିରେ କନକ ଦାସ ଭଡା ଘରେ ରହୁଥିଲେ। ଗତ ୧୯ ତାରିଖରେ ତାଙ୍କ ନାବାଳିକା ଝିଅ ନିଖୋଜ ହୋଇ ଯାଇଥିଲେ। ରଣ୍ଡା ହରିଜନ ସାହିରେ ତାଙ୍କ ନିଖୋଜ ଝିଅ କିସାନଙ୍କ ଘରେ ଥିବା ନେଇ ସୂଚନା ପାଇଥିଲେ। ସୋମବାର ଦିନ କନକ ତାଙ୍କ ନାନୀ ଜୟନ୍ତୀ ଦାସ ଓ ଟିଟୁ ଦାସ ମିଶି ରଣ୍ଡା ହରିଜନ ସାହି କିସାନ ଘରକୁ ଆସିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହେବା ସହ ଉତ୍ତେଜନା ପରିସ୍ଥିତି ହୋଇଥିଲା। କିସାନ ରାଗି ଯାଇ କନକ, ଜୟନ୍ତୀ ଓ ଟିଟୁକୁ ଏକ ବ୍ଲେଡରେ ଆକ୍ରମଣ କରି ରକ୍ତାକ୍ତ କରି ଦେବା ସହ ମାଡ଼ ମାରିଥିଲେ। ଆହତ ମାନେ ସେଠାରୁ କୌଶଳକ୍ରମେ ଖସି ସ୍ଥାନୀୟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଏନେଇ କନକ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେଶ ନ ୧୫୧/୨୬ ପ୍ରକାରେ ପୁଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଆଜି କିସାନକୁ ପୁଲିସ ଗ୍ରାମ ନିକଟରେ ଉଠେଇ ନେଇ ପଚାର ଉଚରା କରିବା ପରେ ଗିରଫ କରି ସନ୍ଧ୍ୟା କୋର୍ଟଚାଲାଣ କରିଥିବା ନେଇ ସୂଚନା ମିଳିଛି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର



ଆସିକା,୨୧।୪(ସମିସ): ଆସିକା ବ୍ଲକର ବରଗାଁ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ତହସିଲଦାର ସଂଗୀତା ସେନ, ଏବିଡ଼ିଓ ସୁଶାନ୍ତ କୁମାର ବେହେରା, ସରପଞ୍ଚ ମମତା ବେହେରା, ନାଏବ ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ସିଡିପିଓ ଶାନ୍ତି କର ସୁଦ୍ଧା ପଟନାୟକ, ଜିପିଡିଓ ରାଜଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଶୁଣାଣି ବେଳେ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ, ଉଠା ଜଳ ସେଚନ, କୃଷି ବିଭାଗର ସମେତ ଅନେକ ଅଧିକାରୀ ମାନଙ୍କ ଦେଖା ମିଳି ନଥିଲା। ତେବେ ଶୁଣାଣି ସମୟରେ ଅନୁପସ୍ଥିତ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଅନ୍ୟ ପଟେ ପ୍ରତି ସୋମବାର ଅନୁଷ୍ଠିତ ହେଉଥିବା ଏହି ଅଭିଯୋଗ ଶୁଣାଣି କେବଳ କାଗଜ କଲମରେ ସୀମିତ ବୋଲି ଲୋକେ ଅଭିଯୋଗ କରୁଛନ୍ତି।

# ଗୋଷାଣି ମନରେଗା ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୨୧।୪(ସମିସ):



ଗୋଷାଣି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମନରେଗା ଅଭିଯୋଗ ଶୁଣାଣି ଅନଷ୍ଠିତ ହୋଇଥିଲା। ଏଥିରେ ଗଜପତି ଜିଲ୍ଲା ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଅଧକ୍ଷତା କରି ମନରେଗା ଯୋଜନାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ଜନପ୍ରତିନିଧିଙ୍କୁ ଅନୁରୋଧ କରି କୌଣସି ଅଭିଯୋଗ ଥିଲେ ଉତଥାପନ କରିବାକୁ କହିଥିଲେ। କାମ କରିଥିବା ଶ୍ରମିକ ବହୁତ ଦିନ ହେଲା ପାରିଶ୍ରମିକ ଓ ମ୍ୟାଟେରିଆଲ ବିଲ୍‌ର ଟଙ୍କା ପାଇନାହାନ୍ତି ବୋଲି ବଡଗୋଷାଣି ସରପଞ୍ଚ ବି.ମୋହନ ରାଓ ଅଭିଯୋଗ କରିଥିଲେ। ଗୁରାଣ୍ଡିର ଯୁବନେତା ଉମାଶଙ୍କର ପାତ୍ର ଏଥି ସହ ଏକମତ ହୋଇ କ୍ଷୋଭ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ଟଙ୍କା ଆସିବା ସଙ୍ଗେ ସଙ୍ଗେ ସମସ୍ତ ବକେୟା ପ୍ରଦାନ କରାଯିବ ବୋଲି ଉତ୍ତରରେ ପ୍ରକଳ୍ପ ପ୍ରଶାସକ ଶ୍ରୀ ମହାପାତ୍ର କହିଥିଲେ। ଉପସ୍ଥିତ ଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌର ଚନ୍ଦ୍ର ପଟ୍ଟନାୟକ ଜନ ପ୍ରତିନିଧିଙ୍କୁ ଅନୁରୋଧ କରି ଆଗାମୀ ଦିନରେ ମନରେଗା ଯୋଜନାର ସଫଳ ରୂପାୟନ ପାଇଁ ଆଗେଇ ଆସି ପୂର୍ବ ଭଳି ସହଯୋଗ କରିବାକୁ କହିଥିଲେ। ଜିଲ୍ଲା ସାମାଜିକ ଅଡିଟର ସାମାଜିକ ସମୀକ୍ଷା ଯୋଗୁଁ ଧୀରେ ଧୀରେ ମନରେଗା ଯୋଜନାର ନଥିପତ୍ର ଠିକ୍ ହେବାକୁ ଯାଉଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହାୟକ ନିର୍ବାହୀଯନ୍ତ୍ରୀ ସସ୍ମିତା ଜେନା, ବ୍ଲକ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର, ବ୍ଲକ ଉଦ୍ୟାନ ଅଧିକାରୀ, ଗ୍ରାମ୍ୟ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର ଉପସ୍ଥିତ ଥିବାବେଳେ ଟାଟିପିଟି ପିଇଓ ବିନୋଦ ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହାତୀ ଭୟ ବେଳେ ଜଳୁନି ଷ୍ଟ୍ରିଟ୍ ଲାଇଟ

ଜି.ଉଦୟଗିରି,୨୧।୪(ସମିସ): ଜି.ଉଦୟଗିରି ଅଞ୍ଚଳରେ ଲାଗି ରହିଛି ହାତୀ ଭୟ। ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରୁନଥିବା ବେଳେ ଜି.ଉଦୟଗିରି -କଳିଙ୍ଗା ରାସ୍ତା କଡରେ ଥିବା ଅଧିକାଂଶ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା ଅଭିଯୋଗ ହୋଇଛି। ଏହା ଏକ ପ୍ରମୁଖ ରାସ୍ତା । ସାରା ରାତି ଯାତାୟାତ ଲାଗି ରହିଥାଏ। ଚଳିତ ବର୍ଷ ହାତୀ ଜି.ଉଦୟଗିରି ବନାଞ୍ଚଳ ଅନ୍ତର୍ଗତ ପାବୁରିଆ ସେକ୍ସନରେ ଦୁଇଦିନରେ ୩ ଜଣଙ୍କୁ ହାତୀ ଦଳି ଚକଟି ମାରିଥିବା ବେଳେ, ପଦାସାହି, ନନ୍ଦଗିରି ମୁଖ୍ୟ ରାସ୍ତାରେ ହାତୀ ବୁଲୁଥିବା ଦେଖି ଯାତ୍ରୀ ଭୟଭୀତ ହୋଇ ଚଳାଚଳ କରିବାକୁ ଭୟ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ପଦାସାହିରେ ଶୀଘ୍ର ମରାମତି କରି ଆଲୋକ ବ୍ୟବସ୍ଥା କରିବାକୁ ସାହିର ବିବେକାନନ୍ଦ ପ୍ରଧାନ, ପ୍ରକାଶ ନାୟକ, ଦୀପକ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଅଶୋକ ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ବୁଗୁଡା,୨୧।୪(ସମିସ): ବୁଗୁଡ଼ା ଥାନା ଉଦୟପୁର ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ସୋମବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଯୁବକ ଜଣକ ହେଲେ ପଥରବଣି ଗାଁର ସୀତାକାନ୍ତ ଗୌଡ(୨୧)। ସୀତାକାନ୍ତ ଦ୍ରୁତଗତିରେ ବାଇକ୍ ଚଳାଇ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ବଢୁଛି ଗ୍ରୀଷ୍ମ ପ୍ରବାହ, ନାହିଁ ଜଳଛତ୍ର



ବାଲିଗୁଡ଼ା,୨୧।୪(ସମିସ): ବାଲିଗୁଡ଼ା ଉପଖଣ୍ଡରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଏ ଯାଏଁ ପ୍ରଶାସନ ପକ୍ଷରୁ ଜଳଛତ୍ର ଖୋଲା ଯାଇନାହିଁ। ଏଥିନେଇ କ.ନୂଆଗାଁ ଓ ବାଲିଗୁଡ଼ା ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କ.ନୂଆଗାଁ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ଯୋଗୁଁ ବିଶେଷକରି ରାସ୍ତାରେ କାମ କରୁଥିବା ଦିନ ମଜୁରିଆ, ପଥଚାରୀ, ଅଟୋରିକ୍ସା ଚାଳକ ଓ ଯାତ୍ରୀ ପାନୀୟ ଜଳ ଅଭାବରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବାଲିଗୁଡ଼ା ସହର ଉପରେ ବହୁ ଉପାନ୍ତ ଅଞ୍ଚଳରୁ ଆସୁଥିବା ବହୁ ଜନସାଧାରଣ ମଧ୍ୟ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଜନସାଧାରଣଙ୍କ ସହ ପଶୁପକ୍ଷୀ ମଧ୍ୟ ପାଣି ଖୋଜି ବୁଲୁଥିବା ଦେଖାଯାଇଛି। ଗତ ବର୍ଷ ପଞ୍ଚାୟତ ଓ ଏନ୍‌ଏସି ପକ୍ଷରୁ ଜଳଛତ୍ର ଖୋଲା ଯାଇଥିଲେ ମଧ୍ୟ ଚଳିତ ବର୍ଷ ଏପ୍ରିଲ ଶେଷ ସପ୍ତାହ ହେବାକୁ ବସିଲାଣି କିନ୍ତୁ ପ୍ରଶାସନ, ପଞ୍ଚାୟତ କିମ୍ବା କୌଣସି ବଦାନ୍ୟ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇନାହିଁ। ସହରର ମୁଖ୍ୟ ସ୍ଥାନ ବସ୍‌ଷ୍ଟାଣ୍ଡ, ଛକ, ବଜାର, କୋର୍ଟ ଓ ହସ୍ପିଟାଲ ଆଗରେ ଯଥା ଶୀଘ୍ର ଜଳଛତ୍ର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି। ଅଂଶୁଘାତ ରୋକିବାକୁ ସରକାର ସତ ପ୍ରଚେଷ୍ଟା କରୁଥିବା ବେଳେ କ.ନୂଆଗାଁ ଓ ବାଲିଗୁଡ଼ା ପ୍ରଶାସନ କାହିଁକି ଏଥି ପ୍ରତି ଏତେ ଢ଼ିଲା ତାହା ସମସ୍ତଙ୍କୁ ଚକିତ କରିଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ସର୍ବସାଧାରଣ ସ୍ଥାନରେ ଜଳଛତ୍ର ଖୋଲିବାକୁ ଦାବି ହେଉଛି।

## ୫୨୦ କିଲୋ ଗଞ୍ଜେଇ ଜବତ



ପାରଳାଖେମୁଣ୍ଡି,୨୧।୪(ସମିସ): ଗଜପତି ପୁଲିସ ଅବୈଧ ଗଞ୍ଜେଇ ଚାଷ ଏବଂ ଚାଲାଣ ବିରୋଧରେ ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ତଦନୁସାରେ, ପୁଲିସ ସମସ୍ତ ଗଞ୍ଜେଇ ପ୍ରବଣ ଅଞ୍ଚଳରେ ପାଟ୍ରୋଲିଂ ଏବଂ ନଜର ରଖିବାକୁ ଜୋରଦାର ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶା ବାହାରକୁ ଚାଲାଣ ପାଇଁ କିଛି ସନ୍ଦିଗ୍ଧ ସ୍ଥାନରେ ଗଞ୍ଜେଇ ଲୁଚାଇ ରଖାଯାଇଥିବା ସମ୍ପର୍କରେ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ସୂଚନା ଉପରେ ପଦକ୍ଷେପ ଗ୍ରହଣ କରି ଅଡବା ପୁଲିସ ଆଜି ପ୍ରତ୍ୟୁଷରେ ଚିହ୍ନଟ ହୋଇଥିବା ଅଞ୍ଚଳରେ ବ୍ୟାପକ ସନ୍ଧାନ ଏବଂ ଚଢଉ କରିଥିଲା । ଅଭିଯାନ ସମୟରେ ଆଠବଖରା ଗ୍ରାମ ଏବଂ ଡ୍ୟାମ୍ ସ୍ଥାନ ଜଙ୍ଗଲ ମଧ୍ୟରେ ଏକ ଗୁପ୍ତ ସ୍ଥାନରୁ ବହୁ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ପୁଲିସ ଆସିବା ପୂର୍ବ ସୂଚନା ପାଇ ଚୋରା ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ଚଢ଼ଉରେ ୫ କ୍ୱିଣ୍ଟାଲ ଏବଂ ୨୦ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏ ସମ୍ପର୍କରେ ଏକ ମାମଲା ପଞ୍ଜୀକୃତ ହୋଇଛି। ତଦନ୍ତ ଜାରି ରହିଛି ଏବଂ ସମସ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଯଥାଶୀଘ୍ର ଚିହ୍ନଟ କରି ଗିରଫ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ଆର୍. ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁ କହିଛନ୍ତି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ୧୭ ଦମ୍ପତିଙ୍କ ସାମୂହିକ ବିବାହ

ପାରଳାଖେମୁଣ୍ଡି,୨୧।୪(ସମିସ)



ଗଜପତି ଜିଲ୍ଲା ପ୍ରଶାସନ ଦ୍ୱାରା ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୁହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ୧୭ ଯୋଡ଼ା କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି। ନିଜ ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତି ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହେନେନାଗାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିବା ସହ ୪୫,୦୦୦ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ କାମଦେବ ବଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ୬୦୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫୦୦୦ ଟଙ୍କା ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫୦୦୦ ଟଙ୍କା ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଥାଏ। ଯୋଗ୍ୟତା ଅନୁଯାୟୀ କନ୍ୟାର ବୟସ ୧୮-୩୫ ବର୍ଷ ଏବଂ ବରର ବୟସ ୨୧-୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବା ପୁନଃବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତିଙ୍କୁ ପ୍ରାଥମିକତା ଦିଆଯାଇଥାଏ।

ଆଜିର କାର୍ଯ୍ୟକ୍ରମରେ ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଛି। ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉତ୍ସର୍ଗିତା ବଡ଼ରଇତ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରୋଗ୍ରାମ ଅଧିକାରୀ ସରଳା ପାତ୍ର ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବ୍ଲକ ଜନପ୍ରତିନିଧି, ଜିଲ୍ଲାର ସମସ୍ତ ସିଡ଼ିପିଓ, ଆଇଏସଆରଡି ସାମାଜିକ ସୁରକ୍ଷା କର୍ମୀ ଉପସ୍ଥିତି ରହି ସହଯୋଗ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରୋଗ୍ରାମା ଅଧିକାରୀ ସ୍ନିଗ୍ଧାରାଣୀ ଭୂୟାଁ ପରିଚାଳନା କରିଥିଲେ।

## ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ 'ସ୍ମୃତିର ବସନ୍ତ'



ଟିକାବାଲି,୨୧।୪(ସମିସ): ଟିକାବାଲିସ୍ଥିତ ଏଏମସିଏସ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଏକ ଭାବପୂର୍ଣ୍ଣ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ''ସ୍ମୃତିର ବସନ୍ତ' ଅନୁଷ୍ଠିତ ହୋଇଯାଇଛି। ବିଭାଗର ଶେଷ ବର୍ଷ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ରିଲୁ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଭଞ୍ଜ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବନମାଳୀ ବେହେରା, ବିରୁପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାବତ, ସନ୍ତୋଷ କୁମାର ରଥ, ରତନ ଦିଗାଲ, ସୌରଭ ତ୍ରିପାଠୀ, କବି ମନୋଜ କୁମାର ଭୋଇ, ଅଧ୍ୟାପିକା ମୀରାମ୍ବିକା, ସନ୍ଧ୍ୟାରାଣୀ କହଁର, ଶିବାନୀ କହଁର ଓ ଶ୍ରାବଣୀ ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଜୟ ଗଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବରେ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଘାଟି ରାସ୍ତାରେ ଯୁବକଙ୍କ ମୃତଦେହ

ଚକାପାଦ,୨୧।୪(ସମିସ): ଚକାପାଦ ବ୍ଲକ ଲାଇନପଡା-ପସରା ଘାଟି ରାସ୍ତା ସାଇଟ ପଥର ପେଚିଂରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଦେଖାଯାଇଛି। ପଥର ଭିତରେ ଯୁବକଙ୍କ ମୁଣ୍ଡ ଅଧା ପଶିରହିଛି। ଯୁବକଙ୍କ ପରିଚୟ ମିଳିପାରିନାହିଁ। ପାଖରେ ଏକ ସାଇକଲ ରହିଛି। ସାଇକଲରୁ ପଡିଯିବା କିମ୍ବା ଅଂଶୁଘାତରେ ମୃତ୍ୟୁ ହୋଇଥିବା ଏବଂ ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଇଛି। ଖବର ପାଇ ଚକାପାଦ ଓ ଲାଇନପଡା ପୁଲିସ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋଭୋଲ୍ଟେଜରୁ ଅସନ୍ତୋଷ



ବାଲିଗୁଡ଼ା,୨୧।୪(ସମିସ): ଅସହ୍ୟ ଗରମ ସମୟରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ କନ୍ଧମାଳ ଜିଲ୍ଲା ଉବୁଟୁବୁ ଓ ଲୋକେ ହଇରାଣ ହେଉଥିବା ବେଳେ ଅଘୋଷିତ ବିଦ୍ୟୁତ କାଟ ଓ ଲୋଭୋଲ୍ଟେଜ୍ ଯୋଗୁଁ ଅଞ୍ଚଳବାସୀ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅସହ୍ୟ ଗ୍ରୀଷ୍ମପ୍ରବାହ ଦିନକୁ ଦିନ ବଢୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗରମ ଗୁଳୁଗୁଳି ବୃଦ୍ଧି ପାଇଥିବା ବେଳେ ଅନ୍ୟପଟେ ଘନ ଘନ ବିଦ୍ୟୁତ୍ କାଟ ଯୋଗୁଁ ଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦୈନିକ ଏଭଳି ବିଦ୍ୟୁତ୍ କାଟ ହୋଇଥିଲେ ସୁଦ୍ଧା ଏ ନେଇ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ଉତ୍ତର ଦିଆଯାଉନାହିଁ। ଗରମ ବୃଦ୍ଧି ସହ ବିଭିନ୍ନ ସ୍ଥାନରେ ଜଳକଷ୍ଟ ଦେଖାଦେଇଛି। ସିର୍ତିଗୁଡ଼ାରେ ନିର୍ମାଣଧିନ ଗ୍ରୀଡକୋ ପାୱାର ଷ୍ଟେସନ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହେବା ଲୋଭୋଲ୍ଟେଜ ଓ ଅଘୋଷିତ ବିଦ୍ୟୁତ କାଟର ମୂଳ କାରଣ ବୋଲି କୁହାଯାଇଛି। କିଛି ଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗ୍ରୀଷ୍ମଋତୁରେ ବିଦ୍ୟୁତ୍ କାଟ ହେବନି ବୋଲି କହିଥିବା ବେଳେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖିବାକୁ ମିଳିଛି ବାଲିଗୁଡ଼ା ଅଞ୍ଚଳରେ। ବିଶେଷ କରି ମଧ୍ୟବିତ୍ତ ପରିବାର ଓ ଗରିବ ଶ୍ରେଣୀର ପରିବାର ବହୁତ୍ ହଇରାଣ ହେଉଛନ୍ତି। ଆଜି ବାଲିଗୁଡ଼ା ବ୍ଲକସ୍ତରୀୟ ଜନ ପ୍ରତିନିଧି ଦଳ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରି ଲିଖିତ ଅଭିଯୋଗ କରିଛନ୍ତି।

## ରାଇକିଆ ଛାତ୍ରୀ ସିଏମ୍ ଟ୍ରଫି ଖୋଖୋ ଚାମ୍ପିୟନ୍




ରାଇକିଆ,୨୧।୪(ସମିସ): କନ୍ଧମାଳ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍ ତରଫରୁ ଆୟୋଜିତ ୧୫ ବର୍ଷରୁ କମ୍ ସିଏମ୍ ଟ୍ରଫି ୨.୦ ଜିଲ୍ଲାସ୍ତରୀୟ ଖୋଖୋ ପ୍ରତିଯୋଗିତାରେ ଚାମ୍ପିୟନ୍ ହୋଇଛନ୍ତି ରାଇକିଆ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ। ଏହି ପ୍ରତିଯୋଗିତାରେ ଭଲିବଲ ପରେ ଖୋଖୋରେ ଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ଫାଇନାଲରେ ରାଇକିଆ ସରକାରୀ ବାଳିକା ବିଦ୍ୟାଳୟ ଛାତ୍ରୀ ଟିକାବାଲି ବ୍ଲକ ତଲାରିମହା ସରକାରୀ ବାଳିକା ବିଦ୍ୟାଳୟକୁ ହରାଇଥିଲା। ଏହି ଅବସରରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି, ଜିଲ୍ଲା କ୍ରୀଡ଼ା ଅଧିକାରୀ ସମୀର ନାୟକ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ରଙ୍କନିଧି ବେହେରା ମୁଖ୍ୟ ସଂଯୋଜକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମ୍ୟାଚ୍ ପରିଚାଳନାରେ ଗୌରଚନ୍ଦ୍ର ମହାନ୍ତି, ରେଣୁ ବାଳା ପ୍ରଧାନ, ଶ୍ରୀଚନ୍ଦା ପ୍ରଧାନ ଓ ଧିରେଶ୍ ପାଣିଗ୍ରାହୀ ସହଯୋଗ କରିଥିଲେ।

## ୩ ଦିନ ପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି

ପାରଳାଖେମୁଣ୍ଡି,୨୧।୪(ସମିସ): ଗଜପତି ଜିଲ୍ଲାରେ ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାକୁ ନଜରରେ ରଖି ୩ ଦିନ ପାଇଁ ଜିଲ୍ଲାରେ ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା କରାଯାଇଛି। ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟ ଆସନ୍ତା ୨୨ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଛୁଟି ରଖିବା ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ବିଦ୍ୟାର୍ଥୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ ସୂଚନା ଦେଇଛନ୍ତି । ଶିଶୁ ବାଟିକାରୁ ଦ୍ୱାଦଶଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ନିୟମ ଲାଗୁ ହୋଇଥିବା ବେଳେ ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଜାରି ରହିବ ବୋଲି କୁହାଯାଇଛି। ପ୍ରକାଶ ଥାଉକି ପୂର୍ବରୁ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ମାସ ପ୍ରଥମ ସପ୍ତାହରେ ସକାଳୁଆ ସ୍କୁଲ୍ ଖୋଲିବା ନେଇ ମାର୍ଗଦର୍ଶିକା ଜାରି କରାଯାଇଥିଲା। ହେଲେ ୩ଦିନ ହେଲା ଗଜପତିରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେଉଛି। ମଧ୍ୟାହ୍ନରେ ତାପମାତ୍ରା ୪୦ ଡିଗ୍ରୀ ହେଉଛି। ଏହାକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ ପାଇଁ ଜିଲ୍ଲାବାସୀଙ୍କୁ ପ୍ରଶାସନ ତରଫରୁ କୁହାଯାଇଛି।

## ମହେନ୍ଦ୍ରଗିରିରେ ସମର୍ପଣ ମହୋତ୍ସବ

# ମାନବ ସେବା ପାଇଁ ଶରୀର ଦାନର ସଂକଳ୍ପ

ରାୟଗଡ,୨୧।୪(ସମିସ)



ଆଧ୍ୟାତ୍ମିକତାର ପବିତ୍ର ଭୂମି ରାୟଗଡ଼ ବ୍ଲକରେ ଅବସ୍ଥିତ ମହେନ୍ଦ୍ରଗିରି ପାଦଦେଶରେ ଏକ ଐତିହାସିକ ''ସମର୍ପଣ ମହୋତ୍ସବ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଗବାନଙ୍କ ପ୍ରତି ଅତୁଟ ବିଶ୍ୱାସ ସହ ଜଗତ କଲ୍ୟାଣ ପାଇଁ ନିଜକୁ ସମର୍ପି ଦେବାକୁ ଶତାଧିକ ଶ୍ରଦ୍ଧାଳୁ ଶପଥ ଗ୍ରହଣ କରିଛନ୍ତି। ବିଶେଷ କରି ସାଧକ ପୂଜ୍ୟ ଦଣ୍ଡିସ୍ୱାମୀ ଭାସ୍କର ତୀର୍ଥ (ଲକ୍ଷ୍ମୀ ବାବା)ଙ୍କ ମହତ ଉଦ୍ଦେଶ୍ୟ ଏହି ସମାରୋହକୁ ଏକ ନୂତନ ଦିଗ ଦର୍ଶାଇଛି। ମହେନ୍ଦ୍ରଗିରି ଶିଖରରେ ଅବସ୍ଥିତ ଭଗବାନ ପର୍ଶୁରାମଙ୍କ ତପୋଭୂମିରେ ସାଧନାରେ ମଗ୍ନ ପୂଜ୍ୟ ଦଣ୍ଡିସ୍ୱାମୀ ଭାସ୍କର ତୀର୍ଥ ନିଜ ଶରୀରକୁ ମରଣୋତ୍ତର ଦାନ କରିବା ପାଇଁ ଘୋଷଣା କରିଛନ୍ତି। ସେ ବ୍ରହ୍ମପୁର ସ୍ଥିତ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜରେ ଜଗତ କଲ୍ୟାଣ ପାଇଁ ନିଜ ଶରୀର ଦାନ କରିବାକୁ ମାର୍ଚ୍ଚ ୨୬ରେ ଇଚ୍ଛାପତ୍ର ନେଇ ଭକ୍ତଙ୍କୁ ଅବଗତ କରିଥିଲେ। ସେବା ଓ ତ୍ୟାଗର ଏହି ଚରମ ଉଦାହରଣ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି କରିଛି। ବାବାଙ୍କର ଏହି ମହତ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ସେଠାରେ ଉପସ୍ଥିତ ଥିବା ଶତାଧିକ ଭକ୍ତ ଭଗବାନ ପର୍ଶୁରାମଙ୍କ ସମ୍ମୁଖରେ ପ୍ରତିଜ୍ଞା କରିଥିଲେ। ଭକ୍ତମାନେ ଏକ ସ୍ୱରରେ କହିଥିଲେ ଆମେ ବି ଆମ ଶରୀରକୁ ଜଗତ କଲ୍ୟାଣ ପାଇଁ ଦାନ କରିବୁ। ମଣିଷର ମୃତ୍ୟୁ ପରେ ମଧ୍ୟ ତା'ର ଅଙ୍ଗ ପ୍ରତ୍ୟଙ୍ଗ କିପରି ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ପାରିବ କିମ୍ବା ଚିକିତ୍ସା ବିଜ୍ଞାନର ଗବେଷଣାରେ କାର୍ଯ୍ୟ କରିବ, ସେ ନେଇ ଏକ ବଳିଷ୍ଠ ସଂକଳ୍ପ ନିଆଯାଇଛି।ଏହି ସମର୍ପଣ ମହୋତ୍ସବ ମାଧ୍ୟମରେ କେବଳ ଭକ୍ତି ନୁହେଁ, ବରଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ପ୍ରମାଣିତ କରାଯାଇଛି। ଉପସ୍ଥିତ ଭକ୍ତ ମଣ୍ଡଳୀ ଏହି ସେବା କାର୍ଯ୍ୟକୁ ଆଗକୁ ବଢ଼ାଇବା ସହ ଅନ୍ୟମାନଙ୍କୁ ପ୍ରେରିତ କରିବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଛନ୍ତି। ମହେନ୍ଦ୍ରଗିରିର ଏହି ପବିତ୍ର ପରିବେଶରେ ଗ୍ରହଣ କରାଯାଇଥିବା ଏହି ନିଆରା ସଂକଳ୍ପ ଏବେ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଅନ୍ତଃଜିଲ୍ଲା ଖୋଖୋ ଚାମ୍ପିୟନସିପ୍ ଉଦ୍‌ଘାଟିତ



ଗୋଷାଣି, ୨୧।୪ (ସମିସ) : ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ସିଏମ୍ ଟ୍ରଫି ଅନ୍ତଃଜିଲ୍ଲା ଖୋଖୋ ଚାମ୍ପିୟନସିପ୍-୨୦୨୬ ଉଦ୍ ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ଗଙ୍ଗାଧରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ଉଦ୍ଘାଟନ କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ଶାରରୀକ କ୍ରୀଡା ନିରୀକ୍ଷଣ ସୁରେନ୍ଦ୍ର କୁମାର ପାତ୍ର, ପ୍ରିୟଦର୍ଶୀ ମିଶ୍ର, ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଭିନ୍ନବାସୁଦେବ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖୋଖୋ କ୍ରୀଡା ଗଜପତିର ଏହି ବିଦ୍ୟାଳୟରେ ମୂଳଦୁଆପଡିଥିବା ବେଳେ ଏହି ବିଦ୍ୟାଳୟର ଖୋଖୋ ଖେଳାଳିମାନେ ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ଖେଳୁଥିବାକୁ ନେଇ ଗର୍ବିତ ବୋଲି ଅତିଥିମାନେ କହିବା ସହ ଅନ୍ତର୍ଜାତୀୟ ଓ ଜାତୀୟସ୍ତରରେ ଖେଳ ପ୍ରଦର୍ଶନ କରୁଥିବା ଖେଳାଳୀଙ୍କୁ ଅନୁସରଣ କରି ଖେଳିଲେ ଭବିଷ୍ୟତରେ ଜଣେ ଉତ୍ତମ ଖେଳାଳୀ ଭାବେ ଖ୍ୟାତି ଅର୍ଜନ କରିବେ ବୋଲି ପରାମର୍ଶ ଦେଇଥିଲେ । ଏହି ଚମ୍ପିୟନସିପ୍ ରେ ଜିଲ୍ଲାର ମୋଟ ୨୧୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ୨୮ ଦଳରେ ବିଭକ୍ତ କରାଯାଇ ଖେଳାଯାଉଛି। ଚୟନକର୍ତ୍ତା ଭାବେ ୬ ଜଣ, ଭଲ୍ୟୁଣ୍ଟର ଭାବେ ୨୦ ଜଣ, ପରିଚାଳାନା ପାଇଁ ୧୦ ଜଣ ନିଯୁକ୍ତ ହୋଇଥିବାର ଜଣାପଡିଛି।

## ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରୁ ଡିକି ଭାଙ୍ଗି ୨ ଲକ୍ଷ ଲୁଟ୍




ଗଞ୍ଜାମ,୨୧।୪(ସମିସ): ଦିନ ଦ୍ୱିପହରରେ ବାଇକି ଡ଼ିକି ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟି ନେଲେ ଦୁବୃର୍ତ୍ତ। ଏପରି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ସହର ସ୍ଥିତ ଦୁର୍ଗାଦେବୀ ସାହି ସ୍ଥିତ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ। ଖବର ନେବାରେ ଜଣାପଡ଼ିଛି ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ରଘୁନାଥପୁର ଗ୍ରାମର ସୁଧିର ପଣ୍ଡାଙ୍କ ଦେଢ଼ ଲକ୍ଷ ଓ ଦିଲୀପ ସାହୁଙ୍କ ୫୦ହଜାର ଟଙ୍କା ସହର ସ୍ଥିତ କାନାରା ବ୍ୟାଙ୍କରୁ ସୁନା ବନ୍ଧକ ରଖି ଟଙ୍କା ନେଇ କୌଣସି କାମରେ ଷ୍ଟେଟ ବ୍ୟାଙ୍କ ଯାଇଥିଲେ। ୧୧.୩୫ ମିନଟରେ ବାଇକଟି ରାସ୍ତା ଉପରେ ରଖି ବ୍ୟାଙ୍କ ମଧ୍ୟକୁ ଦୁହେଁ ଯାଇ ପୁଣି ଫେରି ଦେଖିବା ବେଳକୁ ଡ଼ିକି ଖୋଲା ରହିଥିବା ଜାଣିବାକୁ ପାଇଥିଲେ। ଡ଼ିକିରେ ଟଙ୍କା ନଥିବା ଜାଣିବା ପରେ ଗଞ୍ଜାମ ପୁଲିସକୁ ଖବର ଦେଇଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ରହିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ କରୁଥିବା ପୁଲିସ ଗଣମାଧ୍ୟମକୁ କହିଛି।

● ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା

## ବାପା ଓ ମା' ଗୁରୁତର, ଅଳ୍ପକେ ବର୍ତ୍ତିଲେ ଶିଶୁ

ଛତ୍ରପୁର,୨୧।୪(ସମିସ): ସଡକ ଦୁର୍ଘଟଣାରେ ସ୍ୱାମୀ ଓ ସ୍ତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ୨ବର୍ଷର ଶିଶୁ କନ୍ୟା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏଭଳି ଘଟଣା ଘଟିଛି ଛତ୍ରପୁର ଥାନା ଅଧୀନ ଜାତୀୟ ରାଜପଥ ଭାଗ୍ୟଲକ୍ଷ୍ମୀନଗର ନିକଟରେ। ଏକ ବାଇକ ଯୋଗେ ଗଞ୍ଜାମ ପରିବହନ ବିଭାଗରେ କାର୍ଯ୍ୟରତ ବିଶ୍ୱ ରଞ୍ଜନଙ୍କ ପରିବାର ନୟାଗଡରୁ ଛତ୍ରପୁର ଅଭିମୁଖେ ଆସୁଥିବା ବେଳେ ଭାଗ୍ୟଲକ୍ଷ୍ମୀ ନଗର ଠାରେ ବାଇକ ଭାରସ୍ୟାମ ହରାଇ ଏକ ଡିଭାଇଡର ସହ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତିନି ଜଣ ଛିଟିକି ପଡିଥିଲେ। ଚାଳକ ବିଶ୍ୱରଞ୍ଜନ ଓ ସ୍ତ୍ରୀ ସୁଷମା ପଣ୍ଡା ଗୁରୁତର ଆହତ ହୋଇଥିବା ବେଳେ ୨ବର୍ଷର ଶିଶୁ କନ୍ୟା ସାମାନ୍ୟ ଆଘାତ ଲାଗିଥିଲା। ତୁରନ୍ତ ଦେବଦୂତ ସାଜିଥିଲେ ଛତ୍ରପୁର ଅଗ୍ନିଶ୍ରମ ଅଧିକାରୀ ଧନୁଞ୍ଜୟ ମଲ୍ଲିକ ସେ ତୁରନ୍ତ ଦୁଇ ଆହତଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲ ସ୍ଥାନାନ୍ତର କରିଥିଲେ। ଗୁରୁତର ଥିବାରୁ ଉଭୟଙ୍କୁ ବ୍ରହ୍ମପୁର ମେଡିକାଲ ପଠାଯାଇଛି। ଶିଶୁ କନ୍ୟାକୁ ଅଗ୍ନିଶ୍ରମ ଅଧିକାରୀ ନିଜେ ଘରକୁ ସୁରକ୍ଷିତ ଭାବେ ରଖିଥିଲେ ପରେ ପରିବହନ ବିଭାଗକୁ ହସ୍ତାନ୍ତର କରିଥିଲେ। ବର୍ତ୍ତମାନ ଉଭୟ ସ୍ୱାମୀ-ସ୍ତ୍ରୀ ବ୍ରହ୍ମପୁର ମେଡିକାଲରେ ଆଇସିୟୁରେ ଚିକିତ୍ସା ଜାରି ରହିଛି। ମୁଣ୍ଡକୁ ଆଘାତ ଲାଗିଥିବାରୁ ତାଙ୍କ ଅବସ୍ଥା ଗୁରୁତର ରହିଛି।



ପ୍ରାଇଭେଟ ସ୍କୁଲର ଉଦୟ; ସରକାରୀ ସ୍କୁଲର ପତନ

# ଭିତ୍ତିଭୂମି ଓ ଶିକ୍ଷକ ଅଭାବରେ ଦିଗହରା ସରକାରୀ ସ୍କୁଲ

ପୋଲସରା,୨୧।୪(ସମିସ)

ଗାଁର ଶେଷ ମୁଣ୍ଡର ସବୁଜ ପରିବେଶରେ ଥିବା ସରକାରୀ ସ୍କୁଲ ଗୋଟେ ସମୟରେ ସ୍ୱପ୍ନର ନିଳୟ ଥିଲା। ମାଟିର ଗନ୍ଧ, ଶିକ୍ଷକଙ୍କର ସ୍ନେହ, ଏବଂ ସହଜ ସାଧାରଣ ଜୀବନରେ ହିଁ ଜନ୍ମ ନେଉଥିଲା ଭବିଷ୍ୟତର ଡାକ୍ତର, ଶିକ୍ଷକ, ନେତା। କିନ୍ତୁ ଆଜି, ସେଇ ସ୍କୁଲର ଦ୍ୱାର ଧୀରେ ଧୀରେ ଶୂନ୍ୟ ହୋଇଛି। ଅନେକ ସ୍ଥାନରେ ଗାଁ ସ୍କୁଲ ଚାକଚକ୍ୟ ହେଉଛି ସତ କିନ୍ତୁ ପିଲାଙ୍କ ମନ ଲାଗୁନି। ଏହା ପଛରେ ଅନେକ କାରଣ ରହିଛି। କିନ୍ତୁ ପିଲାଙ୍କ ଆଗ୍ରହ କମିବାରେ ଜନ୍ମ ହେଉଛି ପ୍ରାଇଭେଟ୍ ସ୍କୁଲ। ଏହାର ପରିଣାମ ସ୍ୱରୂପ ସରକାରୀ ସ୍କୁଲ ବି ପତନରେ ଦ୍ୱାରଦେଶରେ ପହଞ୍ଚିଯାଉଛି।

ଗୋଟିଏ ପଟେ ସାରା ରାଜ୍ୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଚାଲିଛି। କିଭଳି ସରକାରୀ ସ୍କୁଲରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇବେ ସେଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହୋର୍ଡିଙ୍ଗଠୁ ଆରମ୍ଭ କରି ବିଭିନ୍ନ ଖବର କାଗଜ ଓ ଟିଭିରେ ଆସୁଛି ଘନଘନ ବିଜ୍ଞାପନ। ସରକାରୀ ସ୍କୁଲରେ ନାମଲେଖା ପାଇଁ ସବୁଆଡେ ଚାଲିଛି ସଚେତନ କାର୍ଯ୍ୟକ୍ରମ। କିନ୍ତୁ ଏସବୁ ପରେ ମଧ ସରକାରୀ ସ୍କୁଲରେ ପାଠ ପଢିବା ପାଇଁ ଅମଙ୍ଗ ହେଉଛନ୍ତି ଛାତ୍ରଛାତ୍ରୀ। ଫଳରେ ପୋଲସରା ଅଞ୍ଚଳରେ ପ୍ରାଇଭେଟ ସ୍କୁଲ କଲେଜ ଦିନକୁ ଦିନ ଛତୁ ଫୁଟିଲା ଭଳି ଖୋଲୁଛି। ସରକାରୀ ସ୍କୁଲ ଧିରେ ଧିରେ ସଂକୁଚିତ ହେଉଛି। କିଛି ସ୍କୁଲ ବନ୍ଦ ହେବାକୁ ବସିଥିବା ବେଳେ ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟି ରେ ରଖି ଗୋଟିଏ ସ୍କୁଲକୁ ଅନ୍ୟ ସ୍କୁଲ ସହ ସମ୍ମିଶ୍ରଣ କରାଯାଉଛି। ଏସବୁ ପଛରେ ପ୍ରମୁଖ କାରଣ ଜାଣିବା ପାଇଁ ଗ୍ରାଉଣ୍ଡ ଜିରୋରୁ ସ୍ଥିତି ପରଖିବା ବେଳେ ପୋଲସରା ବ୍ଲକର ଅଧିକାଂଶ ସ୍କୁଲରେ ଉତ୍ତମ ଗୁଣବତ୍ତାର ଶିକ୍ଷାଦାନ, ଭିତିଭୂମିର ଅଭାବ, ନୂତନ ଶିକ୍ଷାନୀତିର ପରିଚାଳନା, ଆବଶ୍ୟକ ସମୟରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ସହ ଅନ୍ୟ ଅନୁସାଙ୍ଗିକ ସାମଗ୍ରୀ ନ ଯୋଗାଇବା ଭଳି ମାଳ ମାଳ ସମସ୍ୟା ରହିଥିବା ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ କେଉଁଠି ଉତ୍ତମ ଭିତ୍ତିଭୂମି ଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅଭାବ ଦେଖାଦେଇଛି ତ ଆଉ କେଉଁଠି ଗୋଟିଏ କଳାପଟାରେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସେହିଭଳି ମଧ୍ୟାହ୍ନ ଭୋଜନ ଆଦି ଅନେକ ଅଭିଯୋଗ ବି ରହିଛି।

ଅପରପକ୍ଷେ ୨୦୨୪-୨୫ ଶିକ୍ଷାବର୍ଷରେ ପୋଲସରା ବ୍ଲକରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୪୭ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ପ୍ରାଥମିକ ବିଦ୍ୟାଳୟ ସଂଖ୍ୟା ୭୯ ଅଟେ। ସେଥିମଧ୍ୟରୁ ୯୨୯୩ ଜଣ ଛାତ୍ରଛାତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏବଂ ୫୦୨୩ ଜଣ ଛାତ୍ରଛାତ୍ରୀ ପ୍ରାଥମିକ ବିଦ୍ୟାଳୟରେ ପାଠପଢା ପାଇଁ ନାମ ଲେଖାଇଛନ୍ତି। କିନ୍ତୁ ଉଦବେଗର କଥାହେଲା ଏହି ବ୍ଲକରେ କାଗଜ କଲମରେ ମୋଟ ୧୪୩୧୬ଜଣ ଛାତ୍ରଛାତ୍ରୀ ଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ପୁରା ଅଲଗା। ଏତିକି ସଂଖ୍ୟକ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେବଳ ଅଧା ଅଧି ନିୟମିତ ଭାବେ ସ୍କୁଲ ଆସୁଥିବା ବେଳେ କାଗଜ କଲମରେ ଚାଲିଛି ବଳକା ଛାତଛାତ୍ରୀଙ୍କ ପାଠପଢା। ଏପରିକି କେଉଁଠି କେଉଁଠି ବଳପୂର୍ବକ ଛାତ୍ରଛାତ୍ରୀ ଆସୁଥିବା ବେଳେ ଅନ୍ୟ କେଉଁଠି ସରକାରୀ ଯୋଜନାର ଫାଇଦା ନେବା ପାଇଁ ଅଭିଭାବକ ନିଜ ଛୁଆଙ୍କୁ ସ୍କୁଲ ପଠାଉଥିବା ସୂଚନା ମିଳିଛି। ଅନ୍ୟପଟେ ଯଦି ଶିକ୍ଷକ କଥା କହିବା ତାହେଲେ ପ୍ରାଥମିକ ବିଦ୍ୟାଳୟରେ ପାଖାପାଖି ୪୭ଟି ସ୍କୁଲରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ସେମାନଙ୍କ ସ୍ଥାନରେ ଅନ୍ୟ ଶିକ୍ଷକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥିତି ଆହୁରି ଗମ୍ଭୀର ଥିବା ଦେଖିବାକୁ ମିଳିଛି। ମୋଟ ୪୭ଟି ସ୍କୁଲ ମଧ୍ୟରୁ ମାତ୍ର ୧୨ ଟିରେ ସ୍ଥାୟୀ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ଯାହାଫଳରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷାଦାନ ସହ ଅଫିସ କାମ ଓ ଅନ୍ୟ କିଛି ସରକାରୀ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥାନ୍ତି। ଯଦ୍ୱାରା ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀହର୍ଷ ବାବୁ ଖାଡ଼ଙ୍ଗାଙ୍କ ସହ ଯୋଗାଯୋଗ ବେଳେ ସ୍ଥାୟୀ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯିବ। ପୂର୍ବରୁ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ସେହି କ୍ରମରେ ଏବେ ଗ୍ରେଡେସନ ପ୍ରକ୍ରିୟା ଚାଲିଛି। ଖୁବଶୀଘ୍ର ପଦବୀ ପୂରଣ କରାଯିବ ଏବଂ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ବିଭିନ୍ନ ସ୍କୁଲରେ ଲାଗି ରହିଥିବା ସମସ୍ୟାର ସମାଧାନ ମଧ କରାଯିବ। ପୋଲସରା ବ୍ଲକର ୩୫ଟି ସ୍କୁଲର ମରାମତି ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ଯଦି କୌଣସି ସ୍କୁଲରୁ ମଧ୍ୟାହ୍ନ ଭୋଜନରେ ଅନିୟମିତତା ଅଭିଯୋଗ ଆସେ ତାହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗତ ଏସିଡିସି ମିଟିଂରେ ସମଗ୍ର ଶିକ୍ଷା ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ଯେଉଁଠି ଭିତ୍ତିଭୂମିର ଅଭାବ ଅଛି ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରି ତୁରନ୍ତ ତାହାର ମରାମତି ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ଶଶୀଭୁଷଣ ମହାପାତ୍ର କହିଛନ୍ତି।

## ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀଙ୍କ ବିକ୍ଷୋଭ



ବ୍ରହ୍ମପୁର,୨୧।୪(ସମିସ): ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର କର୍ଯ୍ୟାଳୟ ସମ୍ମୁଖରେ ୧୦ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସର୍ବଭାରତୀୟ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ୨୦୨୫ ଜାନୁଆରୀରେ ପାରିତ ହୋଇଥିବା ଭାଳିଡେସନ ଆକ୍ଟକୁ ପ୍ରତ୍ୟାହାର, ସମସ୍ତଙ୍କୁ ଏନପିଏସ ଓ ୟୁପିଏସ ବଦଳରେ ଓପିଏସ ପ୍ରଦାନ, ୩୧ ଡିସେମ୍ବର ସୁଧା ଅବସର ନେଇଥିବା ସମସ୍ତ ପେନ୍ସନରଙ୍କୁ ଅଷ୍ଟମ ଦରମା କମିଶନର ସମସ୍ତ ସୁବିଧା ପ୍ରଦାନ, ସମସ୍ତ ରାଜ୍ୟ ପେନ୍ସନରଙ୍କ ମହଙ୍ଗା ଭତ୍ତା ପ୍ରଦାନ ଓ ବରିଷ୍ଠ ନାଗରିକଙ୍କ ରେଳ ଯାତ୍ରାରେ ଥିବା ରିହାତିକୁ ପୁନଃ ଲାଗୁକରିବା ଭଳି ୯ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ ସଭାପତି ଡି. ମୋହନ ରାଓ, ରାଜ୍ୟ ଉପଦେଷ୍ଟା କେ. ନନ୍ଦେଷୁ ସେନାପତି, ଉପସଭାପତି ଏଏସଏନ ଗୁପ୍ତା, ମହର୍ଷି ସିଂ, ଡ଼ି. ଗୁରୁମୁର୍ତି ପାତ୍ର, କେ. ନନ୍ଦେଷୁ ସେନାପତି, ବିଜୟ କୁମାର ବେହେରା, ନାରାୟଣ ପାଣିଗ୍ରାହୀ, ନିରାକାର ସାବତ, ଦଣ୍ଡପାଣି ସାବତ, ବସନ୍ତ କୁମାର ପାତ୍ର, ବି. ରାଙ୍ଗା ପାତ୍ର ଓ ସନ୍ତୋଷ କୁମାର ସାହୁ, ଉପସ୍ଥିତ ଥିଲେ।

## ମା ଗୌରୀଆମ୍ମାଙ୍କ ପଞ୍ଚବାର୍ଷିକ ଯାତ୍ରା ପାଇଁ ବୈଠକ

ପୋଲସରା,୨୧।୪(ସମିସ): ମା' ଗୌରୀଆମ୍ମାଙ୍କ ପଞ୍ଚବାର୍ଷିକ ଯାତ୍ରା ଚଳିତ ବର୍ଷ ଆୟୋଜିତ ହେବ। ଏନେଇ ଯାତ୍ରା କମିଟି ପକ୍ଷରୁ ତତ୍ପରତା ଦେଖାଦେଇଛି। ପ୍ରଥମ ପର୍ଯ୍ୟାୟ ବୈଠକରେ ଯାତ୍ରା ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ଚଳିତବର୍ଷ ଅକ୍ଟୋବର ମାସ ୨୮ ତାରିଖରୁ ଆରମ୍ଭ ହେବ ଦୀର୍ଘ ଏକମାସ ବ୍ୟାପି ମା ନଗର ପରିକ୍ରମା କରିବେ ପରେ ନଭେମ୍ବର ମାସ ୨୮ ତାରିଖ ଶେଷ ନଗର ଭ୍ରମଣ ପରେ ୨୯ ତାରିଖ ରେ ମା 'ଙ୍କ ବିସର୍ଜନ ହେବ। ଯାହାକୁ ନେଇ କମିଟି ତରଫରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଯାତ୍ରାକୁ ନିଆରା ଢଙ୍ଗରେ ଏବଂ ଅଧିକ ଆକର୍ଷଣ ଓ ସୁସଂଗଠିତ କରାଯିବ ବୋଲି ଯାତ୍ରା କମିଟିର ସଭାପତି ଡ ଜ୍ୟୋତିର୍ମୟ ପଟ୍ଟନାୟକ କହିଛନ୍ତି। ପୂର୍ବ ଯାତ୍ରା ଅପେକ୍ଷା ଚଳିତ ବର୍ଷ ପୋଲସରା ସହର ଅନେକ ପରିବର୍ତ୍ତନ ହୋଇଛି। ବୈଠକରେ ଦେବାଂଗୁଲ ସମାଜର ଦଳବେହେରା ଆର.ବାବୁ ପାତ୍ର , ଏନ. ଭାସ୍କର ରାଓ ପାତ୍ର ଉପସ୍ଥିତ ରହି ଯାତ୍ରା ତାରିଖ ନିର୍ଧାରଣ କରିଥିଲେ, ଯାତ୍ରା କମିଟିର ସମ୍ପାଦକ ମଞ୍ଜୟ ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ସୁଦାମ ସାହୁ, ରଘୁନାଥ ସାହୁ, ରମେଶ ଚନ୍ଦ୍ର ମିଶ୍ର, ପ୍ରୋସେସନ କମିଟି ସଭାପତି ରଘୁନାଥ ସାହୁ, ପ୍ରତାପ ଚନ୍ଦ୍ର ଦାଶ, ମହେଶ୍ୱର ଜେନା, ପ୍ରତାପ ପତିଙ୍କ ସମେତ ସମସ୍ତ କମିଟି ବୃନ୍ଦ ଉପସ୍ଥିତ ଥିଲେ।

● ସମ୍ପତ୍ତି ପାଇଁ ହିଂସାକାଣ୍ଡ

## ଭାଇର କାତି ଚୋଟରେ ସାନ ଭାଇ ଓ ମାଉସୀ ଶାଶୂ ଗୁରୁତର

ଦିଗପହଣ୍ଡି,୨୧।୪(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଅନଙ୍ଗପୁର ଗ୍ରାମରେ ମଙ୍ଗଳବାର ସକାଳେ ପୈତୃକ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ରକରି ବଡ଼ଭାଇ ବି.ଦଣ୍ଡ ରେଡ୍ଡୀଙ୍କ କାତି ଚୋଟରେ ସାନଭାଇ ବି.ନାରାୟଣ ରେଡ୍ଡୀ ଏବଂ ତାଙ୍କ ମାଉସୀ ଶାଶୂ କେ. ସାରସା ରେଡ୍ଡୀ ଗୁରୁତର ଆହତ ହୋଇଛନ୍ତି। ଆହାତ ଦ୍ୱୟଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୃଦ୍ଧା ସାରସାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୈତୃକ ସମ୍ପତ୍ତି ଭାଗ ବଣ୍ଟନକୁ କେନ୍ଦ୍ର କରି ନାରାୟଣ ଏବଂ ଦଣ୍ଡ ଦୁଇ ପରିବାର ମଧ୍ୟରେ ପ୍ରାୟ ୧ବର୍ଷ ହେଲା ଗଣ୍ଡଗୋଳ ଲାଗି ରହିଥିଲା। ନାରାୟଣ ତାଙ୍କ ପୈତୃକ ଘର କିଣିବା ପାଇଁ ବଡ଼ଭାଇ ଦଣ୍ଡଙ୍କୁ ୫ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। କବଲା ରେଜିଷ୍ଟ୍ରେସନ ପରେ ବଳକା ୫ଲକ୍ଷ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ବଡ଼ଭାଇ ବିକ୍ରୟ କବଲା ରେଜିଷ୍ଟ୍ରେସନ ପୂର୍ବରୁ ୫ଲକ୍ଷ ଟଙ୍କା ଦେବାକୁ ସାନଭାଇ ନାରାୟଣ ଓ ତାଙ୍କ ସ୍ତ୍ରୀ କାବେରୀଙ୍କୁ ବାଧ କରୁଛନ୍ତି। ଘରର ୧୦ଭରି ସୁନା ଅଳଙ୍କାର ଦଣ୍ଡ ତାଙ୍କ ପାଖରେ ରଖିଛନ୍ତି। ସାନଭାଇଙ୍କୁ ସୁନା ଅଳଙ୍କାରର ଭାଗ ଦେବୁନାହିଁ ବୋଲି ଦଣ୍ଡ ଓ ତାଙ୍କ ସ୍ତ୍ରୀ ଲଳିତା କହିବାରୁ ଦୁଇ ପରିବାର ମଧ୍ୟରେ ବାଦବିବାଦ ଲାଗିରହିଥିବା ବେଳେ ଗତ ରବିବାର ନାରାୟଣ ଘରେ ନଥିବା ବେଳେ ତାଙ୍କ ସ୍ତ୍ରୀ କାବେରୀଙ୍କୁ ଦେଢ଼ଶୁର ଦଣ୍ଡ, ଯାଆ ଲଳିତା ଏବଂ ତାଙ୍କ ସହଯୋଗୀ ଆନନ୍ଦ ସେଠୀ ଘର ସମ୍ମୁଖରେ ଅସଦାଚରଣ କରିବା ସହ ମାଡ଼ ମାରିଥିଲେ। ଏନେଇ କାବେରୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଆଇଆଇସି କିଶୋର କୁମାର ସାମଲ ଅଭିଯୁକ୍ତମାନଙ୍କ ନାଁରେ ମକଦ୍ଦମା ରୁଜୁ କରିଥିଲେ। ସୋମବାର ସକାଳ ପ୍ରାୟ ସାଢେ ୬ଟାରେ ନାରାୟଣ କାମ ପାଇଁ ଯାଉଥିବା ବେଳେ ତାଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରାଯାଇଥିଲା। ତାଙ୍କୁ ଛଡ଼ାଇବାକୁ ଯାଇଥିବା ସାରସାଙ୍କୁ ସେମାନେ ଘେରିଯାଇ ବେକ ଓ କାନରୁ ସୁନା ଅଳଙ୍କାର ଛଡାଇ ନେବା ସହ ଦଣ୍ଡ ଧରିଥିବା କାତିରେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ ବୋଲି ସାରସା ଦେଇଥିବା ଏତଲାରେ ଉଲ୍ଲେଖ ରହିଛି। ଏନେଇ ପୋଲିସ ତଦନ୍ତ ଚଳାଇଛନ୍ତି।

## ମା ଖମେଶ୍ୱରୀଙ୍କ ବୈଶାଖି ଯାତ୍ରା ପ୍ରସ୍ତୁତି ବୈଠକ




ଆସିକା,୨୧।୪(ସମିସ): ମା' ଖମ୍ବେଶ୍ୱରୀଙ୍କ ବୈଶାଖି ଯାତ୍ରା ପାଇଁ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଆସିକା ପୌରପରିଷଦ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୌର ପରିଷଦର ଅଧକ୍ଷା ବିନେତା ସ୍ୱାଇଁ, କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଥାନା ଅଧିକାରୀ ସୁଧୀର କୁମାର ସାହୁ, , ଅତିରିକ୍ତ ତହସିଲଦାର ଅମରେଶ ସାବତ, ଆସିକା ଉପଖଣ୍ଡ ଚିକିତ୍ସାଳୟର ଅଧିକ୍ଷକ ଡାକ୍ତର ବାଳ ଗୋପାଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ତିନି ଦିନ ବ୍ୟାପି ହେବାକୁ ଥିବା ବୈଶାଖୀ ଯାତ୍ରା କିଭଳି ସୁରୁଖୁରରେ ହେବ ସେନେଇ ଆଲୋଚନା କରାଯାଇଥିଲା। ଅଗ୍ନିଶମ ବିଭାଗର ଆଗ୍ନିକ ଅଧିକରୀ କୈଳାସ ସାହୁ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାମ କୃଷ୍ଣ ପାଣିଗ୍ରାହୀ, ଜନ ସ୍ୱାସ୍ଥ୍ୟ ବିଭାଗର ଯନ୍ତ୍ରୀ ଶିବ ପ୍ରସାଦ ଦୋରା, ବିଦ୍ୟୁତ ବିଭାଗର ଯନ୍ତ୍ରୀ ଇ ରାକେଶ କୁମାର ପାତ୍ର, ଜଳ ସେଚନର ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ବରିଷ୍ଠ ଆଇନଜୀବି ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ମନ୍ଦିର କମିଟି ସଭାପତି ସତ୍ୟ ନାରାୟଣ ସ୍ୱାଇଁ, ସମ୍ପାଦକ ସଚିଦାନନ୍ଦ ଖଟେଇ, ନିମେଇ ପାଣିଗ୍ରାହୀଙ୍କ ସମେତ ମନ୍ଦିର ପରିଚାଳନା କମିଟିର ସଭ୍ୟ ମାନେ ଉପସ୍ଥିତ ଥିଲେ।

## ଶଙ୍କରାଚାର୍ଯ୍ୟ, ଶିବାଜୀ ଜୟନ୍ତୀରେ ଗୋ-ସୁରକ୍ଷା ସଭା

କବିସୂର୍ଯ୍ୟନଗର,୨୧।୪(ସମିସ): ଧାର୍ମିକ, ଆଧ୍ୟାତ୍ମିକ, ସାମାଜିକ, ଭାରତୀୟ ସଭ୍ୟତା, ସଂସ୍କୃତିର ସୁରକ୍ଷା ପାଇଁ ଉତ୍ସାହୀ ଯୁବକଙ୍କୁ ନେଇ ଶ୍ରୀଭଗବାନ ପର୍ଶୁରାମ ଜୟନ୍ତୀ, ଶ୍ରୀ ଆଦିଗୁରୁ ଶଙ୍କରାଚାର୍ଯ୍ୟ ଜୟନ୍ତୀ ଓ ଛତ୍ରପତି ଶିବାଜୀ ଜୟନ୍ତୀ ନେଇ ବୈଠକ ସ୍ଥାନୀୟ ଦିବ୍ୟ ଜୀବନ ସଂଘ ପରିସରରେରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଲୋକନାଥ ମନ୍ଦିରରୁ ସାଧୁମାନଙ୍କୁ ଧୂପ, ଦୀପ, ଚନ୍ଦନ ଆଦି ଦେଇ ପୂଜାପାଠ ପୂର୍ବକ ଗିନିମୃଦଙ୍ଗ ବଜାଇ ପଦଯାତ୍ରାରେ ସ୍ଥାନୀୟ ଚିଦାନନ୍ଦ ମାର୍ଗରେ ଅବସ୍ଥିତ ଦିବ୍ୟ ଜୀବନ ସଂଘ ଠାରେ ପହଞ୍ଚିଥିଲେ। ଦିବ୍ୟ ସାଧୁମାନଙ୍କ ମାର୍ଗଦର୍ଶନ ଦେବା ସହ ସମାଜକୁ ସୁସଂଗଠିତ କରିବାକୁ ନୀତିବାଣୀ ଶୁଣାଇଥିଲେ। ଗୋ ସୁରକ୍ଷା ପାଇଁ ଏକ ଶକ୍ତ ଆଇନ ପ୍ରଣୟନ ପାଇଁ ଦାବି କରିଥିଲେ। ଏକ ଦାବିପତ୍ର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଦେବାକୁ ନିଷ୍ପତ୍ତି ନେଇଥିଲେ। ଆବାହକ ଦୀପକ ତ୍ରିପାଠୀ, ଗୋ ସେବା ରକ୍ଷକ ପ୍ରବୋଧ ପଣ୍ଡା, ଶେଷଦେବ ବେହେରା, ଦିବ୍ୟ ଜୀବନ ସଂଘ ସଭାପତି ବନମାଳୀ ସ୍ୱାଇଁ, ଲକ୍ଷ୍ମୀ ଚର୍ଚ୍ଚି, ଶ୍ରୀକାନ୍ତ ମହାପାତ୍ର ଓ କବିସୂର୍ଯ୍ୟନଗର ମଣ୍ଡଳ ସଭାପତି ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ୧୧୧ ଦମ୍ପତିଙ୍କ ସାମୂହିକ ବିବାହ ସମ୍ପନ୍ନ





ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୨୧।୪(ସମିସ)

ଗଞ୍ଜାମ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆଜି ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଲନ୍ଥରା ନିକଟସ୍ଥ ମା' ସିଦ୍ଧ ଭୈରବୀ ମନ୍ଦିର ପ୍ରାଙ୍ଗଣରେ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୧୧ କନ୍ୟାଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି । ଓଡିଆ ରୀତିନୀତି ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତ୍ତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ, ଖଣି ଓ ଇସ୍ପାତ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ନବ ଦମ୍ପତ୍ତିଙ୍କୁ ଆଶୀର୍ବାଦ କରିଥିଲେ ଏବଂ ୪୫୦୦୦ ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ।

ଏହି ବିବାହ ଉତ୍ସବରେ ଜିଲ୍ଲାପାଳ ଭି କୀର୍ତ୍ତିଓ୍ୱାସନ୍, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି, ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ଆର୍ଥିକ ସହାୟତା ନୁହେଁ, ଏହା ସାମାଜିକ ସୁରକ୍ଷା ଓ ମହିଳା ସଶକ୍ତୀକରଣ ଦିଗରେ ରାଜ୍ୟ ସରକାରଙ୍କ ଏକ ଐତିହାସିକ ପଦକ୍ଷେପ। ଏହି ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜକୁ ବାର୍ତା ଦେଉଛି ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ।

ଏହି ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ପ୍ରତ୍ୟେକ ଯୋଗ୍ୟ କନ୍ୟାଙ୍କୁ ମୋଟ ୬୦୦୦୦ ସହାୟତା ପ୍ରଦାନ କରାଯାଉଛି। ସେଥିରୁ ୪୫୦୦୦ ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ଏବଂ ୧୫୦୦୦ ବିବାହ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ କରାଯାଇଥାଏ। ଯୋଗ୍ୟତା ଅନୁଯାୟୀ କନ୍ୟାର ବୟସ ୧୮-୩୫ ବର୍ଷ ଏବଂ ବରର ବୟସ ୨୧-୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। ବିଧବା ପୁନଃ ବିବାହ, ଅନୁସୂଚିତ ଜାତି, ଜନଜାତି ଓ ଦିବ୍ୟାଙ୍ଗ ଦମ୍ପତ୍ତିଙ୍କୁ ପ୍ରାଥମିକତା ଦିଆଯାଇଥାଏ। ଆଜିର କାର୍ଯ୍ୟକ୍ରମରେ ସମସ୍ତ ବିବାହ ବୈଧ ପଞ୍ଜୀକରଣ ମାଧ୍ୟମରେ ସମ୍ପନ୍ନ ହୋଇଛି। ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହଯୋଗରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

